# Akashvani, Sambalpur

## SAMBALPURI NEWS MORNING BULLETIN

## 17 April 2026 - 6.47- 6.52 am.

---

ମହିଳା ସଂରକ୍ଷଣ୍ ବିଲ୍-ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶେ କେନ୍‌ସି ଭିଲ୍ ନୀତି ନିର୍ଦ୍ଧାରଣ୍ ପ୍ରକ୍ରିୟା ବେଲ୍‌କେ ମହିଳାମାନ୍‌କର୍ ପ୍ରତିନିଧିତ୍ୱକେ ସୁନିଶ୍ଚିତ୍ କର୍‌ବାର୍ ଇହାଦେର୍ ସମିଆର୍ ଆହ୍ୱାନ୍ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନିଷ୍ପତି ନେବାର୍ ପ୍ରକ୍ରିୟାଥି ଦେଶର୍ ୫୦ ପ୍ରତିଶତ୍ ଜନସଂଖ୍ୟାକେ ସାମିଲ୍ କର୍‌ବାର୍ ଲାଗି ସର୍‌କାର୍ ବିଚାର୍ କରୁଛନ୍ । ସଂସଦ୍‌ର ବର୍ଦ୍ଧିତ୍ ବଜେଟ୍ ଅଧିବେଶନ୍‌ର ୩ ଦିନିଆ ସ୍ୱତନ୍ତ୍ର ବୈଠକ୍ ଗଲାକାଏଲ୍‌ନୁ ମୁଲ୍ ହେଇଛେ । ଲୋକ୍‌ସଭା ନ ଗଲାକାଏଲ୍ ସମ୍ବିଧାନ୍‌ର ଶହେ ୩୧ ତମ ସଂଶୋଧନ୍ ବିଧେୟକ, ସୀମା ନିର୍ଦ୍ଧାରଣ୍ ବିଧେୟକ୍ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ଆଇନ୍ ସଂଶୋଧନ୍ ବିଧେୟକ୍ ଆଗତ୍ କରାଯାଇଛେ । ଆଏକ୍ ଭିଲ୍ ଇ ବାବ୍‌ଦେ ଆଲୋଚନା ଜାରି ରହେବା ।

ସୀମା ପୁନଃ ନିର୍ଦ୍ଧାରଣ୍ ବିଲ-ଗୃହମନ୍ତ୍ରୀ          ପି.ଆଇ.ବି.

ଲୋକ୍‌ସଭା ନ ସୀମା ପୁନଃ ନିର୍ଦ୍ଧାରଣ୍ ବିଲ୍ ଉପ୍‌ରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍, କେନ୍‌ସି ରାଜ୍ୟ ଖାସ୍ କରି ଦକ୍ଷିଣ ଭାରତ୍‌ର ରାଜ୍ୟ ମାନ୍‌କର୍ କ୍ଷେତ୍ରଥି ଅନ୍ୟାୟ ନାଇଁ ହୁଏ । ସେ କହିଛନ୍, ଦକ୍ଷିଣ ଭାରତ୍‌ର ରାଜ୍ୟମାନ୍‌କର୍ ଲୋକ୍‌ସଭା ଆସନ୍ ସଂଖ୍ୟା ଶହେ ୨୯ ନୁ ବଢ଼ିକରି ଶହେ ୯୫ ହେବା । କର୍ଣ୍ଣାଟକ୍, ତାମିଲ୍‌ନାଡୁ, କେରଳ, ଆନ୍ଧ୍ରପ୍ରଦେଶ୍ ଆଉ ତେଲେଙ୍ଗାନାର ଆସନ୍ ସଂଖ୍ୟା ଭିଲ୍ ବଢ଼୍‌ବା ବଲି ସେ କହିଛନ୍ । ହେଲେ ୨୦୨୯ ଆଘୋନୁ ଇ ବ୍ୟବସ୍ଥା କାର୍ଯ୍ୟକାରୀ ନାଇଁ ହୁଏ ବଲି ଭିଲ୍ ସେ ସ୍ପଷ୍ଟ କରିଛନ୍ ।

ମୁଖ୍ୟମନ୍ତ୍ରୀ-ନୀଳ ଅର୍ଥନୀତି          ଆର୍‌ଏନ୍‌ୟୁ/ କଟକ୍

ଉପକୂଳ ଅର୍ଥନୀତି ଆଉ ସାମୁଦ୍ରିକ୍ ପରିବେଶ୍‌ଥି ସନ୍ତୁଳନ୍ ରଖ୍‌ବାର୍ ଲାଗି ରାଏଜେ ମାରାଇନ୍ ସ୍ପେଶାଲ୍ ଯୋଜ୍‌ନା କାର୍ଯ୍ୟକାରୀ ହେବା । ଇଥିର୍‌ଲାଗି ଗଲାକାଏଲ୍ ଲୋକ୍‌ସେବା ଭବନ୍ ନ ରାଜ୍ୟ

ବିଜ୍ଞାନ୍ ଆଉ ପ୍ରଯୁକ୍ତି ବିଦ୍ୟା ବିଭାଗ୍ ଆଉ କେନ୍ଦ୍ର ପୃଥ୍ୱୀ ବିଜ୍ଞାନ୍ ମନ୍ତ୍ରଣାଲୟ ଭିତ୍‌ରେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ଇ ଯୋଜ୍‌ନା ରାଜ୍ୟର୍ ନୀଳ ଅର୍ଥନୀତିକେ ବଢ଼ାବାର୍ ସହେତେ ସାମୁଦ୍ରିକ ଜୈବ ବିବିଧତାର୍ ସୁରକ୍ଷା କର୍‌ବା । ୨ ନମ୍ବର୍ ଖେପେ ଦେଶର୍ ପହେଲା ରାଜ୍ୟ ଭାବେ ଓଡ଼ିଶା ନ ଇ ଯୋଜ୍‌ନା ଲାଗୁ ହେବା ।

ଗଣଶିକ୍ଷା ମନ୍ତ୍ରୀ- ଖରାଛୁଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦିନୁ ଦିନ୍‌କେ ଖରାର୍ ପ୍ରଭାବ୍ ବଢ଼୍‌ବାର୍‌କେ ଲାଗିଛେ । ଇ ସମିଆଥି ବିଦ୍ୟାଳୟ ମାନ୍‌କେ ଖରାଛୁଟି କର୍‌ବାର୍ ଲାଗି ସର୍‌କାର୍ ବିଚାର୍ କରୁଛନ୍ ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଛୁଆମାନ୍‌କର୍ ସୁରକ୍ଷାକେ ସବୁନୁ ଅଏତ୍‌କା ଗୁରୁତ୍ୱ ଦିଆଯାଉଛେ । ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କର୍ ହିଟ୍ ୱେଭ୍ ସମୀକ୍ଷା ଉତ୍‌ରୁ ଖରାଛୁଟି ବାବ୍‌ଦେ ନିଷ୍ପତି ନିଆଯିବା ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ । ସେଆଡ଼େ ଜବର୍ ଗରମ୍ ହେଉଥିବା

ଜିଲ୍ଲାମାନ୍‌କେ ଜିଲ୍ଲାପାଳ୍‌ମାନ୍‌କର୍ ରିପୋର୍ଟ ଆଧାର୍‌ଥି ତ୍ରୁଟି ନିଷ୍ପତି ନିଆଯିବା ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।
(ଭଏସ୍ ଓଭର୍- ନିତ୍ୟାନନ୍ଦ ଗଣ୍ଡ)

ସିବିଏସ୍‌ଇ ୧୦ ଶ୍ରେଣୀ ରିଜଲ୍ଟ      ଆଇ ଆଣ୍ଡ୍ ପି.ଆର୍

ସିବିଏସ୍‌ଇ ୧୦ ଶ୍ରେଣୀ ପରୀକ୍ଷାଥି ଓଡ଼ିଶାର୍ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ମାନେ ଉଲ୍ଲେଖନୀୟ ସଫଲତା ହାସଲ୍ କରିଛନ୍ । ଇ ବଛର୍ ପାସ୍ ହାର୍ ୯୬ ଦଶ୍‌ମିକ୍ ୪/୫ ପ୍ରତିଶତ୍ ରହିଛେ । ଯେନ୍‌ଟା ଗଲାବଛର୍‌ନୁ ଅଏତ୍‌କା ଆଏ । ମୋଟ୍ ୧୪ ଶହ ୬୬ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାର୍ ବେଲେ ଲଗାତାର୍ ୨ ବଛର୍ ଲାଗି ବିଦ୍ୟାଳୟମାନ୍‌କର୍ ପାସ୍ ହାର ଶହେ ପ୍ରତିଶତ୍ ରହିଛେ ।

ବୁଝାମଣାପତ୍ର        ଆଇ ଆଣ୍ଡ୍ ପି.ଆର୍

ରାଏଜେ ବିଶ୍ୱସ୍ତରୀୟ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ବଢ଼ାବାର୍ ଲାଗି ରାଜ୍ୟ ସର୍‌କାର୍ ଆଉ ଜିପାଇଗୋ ଭିତ୍‌ରେ ଗଲାକାଏଲ୍

ଭୁବ୍‌ନେଶ୍ୱର୍ ଠାନେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷର୍ ହେଇଛେ । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍‌ଙ୍କର୍ ଉପସ୍ଥିତିଥି ହେଇଥିବା ଇ ଚୁକ୍ତି ଅନ୍‌ସାରେ ନର୍ସିଂ ସେବା ମା ଆଉ ଛୁଆମାନ୍‌କର୍ ସ୍ୱାସ୍ଥ୍ୟ ଅଣସଂକ୍ରାମକ ରୋଗ୍‌ର ଚିକିତ୍ସା ଆଉ ଜରୁରୀ ପ୍ରସୂତୀ ସେବାଥି ସହଯୋଗ୍ ବଢ଼ିପାର୍‌ବା ।

ଅନୁ ଗର୍ଗ-ବୈଠକ୍ ଆଇ ଆଣ୍ଡ ପି.ଆର୍

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ସହେତେ ରାଜ୍ୟର୍ ସବୁ ଜିଲ୍ଲାପାଳ୍‌ମାନ୍‌କର୍ ଗୁଟେ ବୈଠକ୍ ହେଇଯାଇଛେ । ଆଭାସୀ ଜରିଏ ହେଇଥିବା ବୈଠକ୍‌ଥି ସି.ଏମ୍. ସମ୍ପଦାର କାର୍ଯ୍ୟକାରିତାକେ ନେଇକରି ଆଲୋଚନା କରାଯାଇଥିଲା । ସେନ୍ତା ଜଲ୍‌ସେଚନ୍ ଗଣନା, ମାତୃ ଶିଶୁ ସ୍ୱାସ୍ଥ୍ୟ, ଆୟୁଷ୍ମାନ୍ କାର୍ଡ଼ ବଂଟନ୍, ପ୍ରୟାସ୍ ପ୍ଲାଟ୍‌ଫର୍ମ, ବିଦ୍ୟାଳୟମାନ୍‌କେ ପୋଷାକ୍ ବଂଟନ୍, ପୁଷ୍ଟିହୀନତା ନିୟନ୍ତ୍ରଣ୍ ସହେତେ ଭିନ୍ ଭିନ୍ କାମ୍‌ର ସମୀକ୍ଷା କରାଯାଇଥିଲା ।

ଜିଲ୍ଲାପାଲ୍‌ମାନ୍‌କୁ ଯୋଜ୍‌ନା ମାନ୍‌କର୍ ତୁର୍‌ତି ଆଉ ଗୁଣାତ୍ମକ୍ କାର୍ଯ୍ୟାନ୍ୱୟନ୍ ଲାଗି ପରାମର୍ଶ ଦିଆଯାଇଛେ ।

ବିଜୁ ପଟ୍ଟନାୟକ ଶ୍ରାଦ୍ଧଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏଜ୍ ମହାନ୍ ଜନନାୟକ୍ ବିଜୁ ପଟ୍ଟନାୟକଙ୍କର୍ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ୍ ପାଲନ୍ କରାହେବା । ଆଏଜ୍ ସଖାଲର୍ ୧୦ ବଜେ ଓଡ଼ିଶା ବିଧାନ୍‌ସଭା ପରିସର୍ ନ ଥିବା ବିଜୁ ବାବୁଙ୍କର୍ ପ୍ରତିମୂର୍ତିଥି ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି, ମନ୍ତ୍ରୀ ଆର୍ ବିଧାୟକ୍‌ମାନେ ଶ୍ରଦ୍ଧାଞ୍ଜଳି ଜନାବେ । ସେଆଡ଼େ ଆଏଜ୍ ବେଲ୍‌ବୁଡ଼େ ଜୟଦେବ୍ ଭବନ୍ ଠାନେ ଭିଲ୍ ବିଜୁ ବାବୁଙ୍କର୍ ଶ୍ରାଦ୍ଧଦିବସ୍ ଅବ୍‌ସରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ୍ ହେବା ।

ନାରୀଶକ୍ତି ବନ୍ଦନ-ଝାର୍‌ସୁଗୁଡ଼ା ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା ଜିଲ୍ଲା ପ୍ରଶାସନ୍ ଆଉ ମିଶନ୍ ଶକ୍ତି ବିଭାଗ୍‌ର ମିଲିତ୍ ସହଯୋଗ୍‌ଥି ଜିଲ୍ଲା ନ ନାରୀଶକ୍ତି ବନ୍ଦନ୍ ଆଉ ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ

ଅବ୍‌ସରେ ସଚେତନତା ବାର୍ତା ପ୍ଲାକାର୍ଡ୍ ଧରିକରି ୧୫ ଶହ ନୁ ଅଏତ୍‌କା ମହିଲା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନ୍‌କୁ ନେଇକରି ଗୁଟେ ରେଲି କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖରାର୍ ପ୍ରଭାବ୍ ବଢ୍‌ବାର୍‌କେ ଲାଗିଛେ । ଆଏବା ୭ ଦିନ୍‌ତକ୍ ଜିଲ୍ଲାମାନ୍‌କେ ଦିନର୍ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ୍‌ବାର୍ ସମ୍ଭାବନା ରହିଛେ ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ପଶ୍ଚିମ ଓଡ଼ିଶାର୍ ବଡ଼ଭାଗୀ ଜିଲ୍ଲା ନ ଗଲାକାଏଲ୍ ଦିନର୍ ସବୁନୁ ଜହ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରହିଥିଲା । ୪୩ ଦଶ୍‌ମିକ୍ ୬ ଡିଗ୍ରୀ ତାପମାତ୍ରା ସହେତେ ଝାର୍‌ସୁଗୁଡ଼ା ରାଜ୍ୟର୍ ସବୁନୁ ତତ୍‌ଲା ସହର୍ ହେଇଥିଲା ।